Chapter- 9

# ରାମାୟଣ କଥା

STUDY NOTES

## MIND MAP



ଭକ୍ତକବି ମଧୁସୂଦନ ତାଙ୍କର କର୍ମ ଜୀବନରେ ଜଣେ ଶିକ୍ଷା ପରିଦର୍ଶକ ରୂପେ ଦାୟିତ୍ୱ ବହନ କରିଥିବାରୁ ଶିକ୍ଷକ, ଛାତ୍ରଛାତ୍ରୀ ଓ ଶିକ୍ଷାୟତନ ସହ ଗଭୀର ଭାବେ ସଂଶ୍ଳିଷ୍ଟ ଥିଲେ । ଏଣୁ କୋମଳମତି ଶିଶୁ ମନରେ ପ୍ରଭାବ ସୃଷ୍ଟି କରିପାରିବା ଭଳି ବିଷୟବସ୍ତୁ ଚୟନ କରି  ସେଗୁଡିକୁ ପାଠ୍ୟପୁସ୍ତକରେ ସନ୍ନିବେଶ କରିବାକୁ ଉଦ୍ୟମ କରିଥିଲେ । 'ରାମାୟଣ ଗ୍ରନ୍ଥ' ର କଥାବସ୍ତୁରୁ କୋମଳମତି ଛାତ୍ରଛାତ୍ରୀ ଆଦର୍ଶ, ବୀରତ୍ୱ ଓ ଜନବତ୍ସଳତା ସଂପର୍କରେ ଶିକ୍ଷାଗ୍ରହଣ କରିବାର ଯଥେଷ୍ଟ ପରିସର ଥିବାରୁ ଏହା ପାଠ୍ୟ ଉପଯୋଗୀ ଅଟେ । ରାମାୟଣ ଗ୍ରନ୍ଥ ଉତ୍କଳୀୟ ସମାଜରେ ଆବାଳବୃଦ୍ଧ ବନିତାଙ୍କର ଅତି ପ୍ରିୟ ଗ୍ରନ୍ଥ, ଛାତ୍ରଛାତ୍ରୀମାନେ ଗଳ୍ପ ମାଧ୍ୟମରେ ଆଦର୍ଶ, ବୀରତ୍ୱ ଓ ସତ୍ୟନିଷ୍ଠା ସଂପର୍କରେ ଶିକ୍ଷାଲାଭ କରିବାର ବିସ୍ତୃତ ପରିସର ଏହି ପ୍ରବନ୍ଧରେ ରହିଛି । ଏହି ପ୍ରବନ୍ଧରେ ସତ୍‌ଚିନ୍ତା, ସତ୍‌ଜ୍ଞାନ, ସତ୍‌ମାର୍ଗ, ସତ୍‌ଗୁଣ, ନ୍ୟାୟ, ଧର୍ମ, ନିଷ୍ଠା, ଆଦର୍ଶ, ପିତୃଭକ୍ତିର ମହାନତା, ନିଃସ୍ୱାର୍ଥପର ଭ୍ରାତୃଭକ୍ତିର କଥା, ପତିବ୍ରତା ଧର୍ମ ପାଳନର ସାର୍ଥକତା, ପ୍ରଜାମଙ୍ଗଳ ରାଜାର କର୍ତ୍ତବ୍ୟ, ଅହଙ୍କାରର ଧ୍ୱଂସ, ସତ୍ୟର ଜୟ ଏବଂ ଜୀବନ ଯାଉ ପଛେ ବଚନ ନ ଯାଉ ଆଦି ଅନେକ ଆଦର୍ଶ ଓ ନୀତିଯୁକ୍ତ କଥା ବର୍ଣ୍ଣିତ ହୋଇଅଛି ।

ODM EDUCATIONAL GROUP
Changing your Tomorrow